ପ୍ରମେୟ
THE PRAMEYA

DATE:29.01.2018

# 'ନିସ୍'ରେ ୬୯ତମ ସାଧାରଣତନ୍ତ୍ର ଦିବସ ପାଳିତ

ଝାଁଙ୍କ,୨୮।୧(ଆ.ପ୍ର.): ଭୁବନେଶ୍ୱର ମଦନପୁର ସ୍ଥିତ ନିସ ଶିକ୍ଷାନୁଷ୍ଠାନ ପରିସରରେ ୬୯ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିଭାବନ ଗ୍ରହଣ କରିଥିଲେ। ଦେଶକୁ ସମ୍ବିଧାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ କରିଥିବା ବରେଣ୍ୟ ମହାପୁରୁଷମାନେ ଆମର ଚିର ନମସ୍ୟ। ସେମାନଙ୍କର ଗୁଣଗାନ କରିବା ସହିତ ସେମାନଙ୍କ ପ୍ରେରଣା ଛାତ୍ରଛାତ୍ରୀମାନଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହୁବୋଲି ଶ୍ରୀ ନାୟକ ବକ୍ତବ୍ୟ ରଖିଥିଲେ। ସେ ପୁଣି କହିଥିଲେ ଯେ, ଦେଶର ଏକତା, ସଂହତି ବଜାୟ ରଖିବା ଦିଗରେ ଯୁବ ସମାଜ ଐକ୍ୟବଦ୍ଧ ହୋଇ କାର୍ଯ୍ୟକରିବା ଆବଶ୍ୟକ। ପାଠପଢ଼ା ସହ ସମାଜସେବାରେ ମନୋନିବେଶ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡିନ ଡକ୍ଟର ଶ୍ରୁତିକାନ୍ତ ଦୀକ୍ଷିତ, ଡେପୁଟି ଡାଇରେକଟର ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଯୁଗ୍ମ ରେଜିଷ୍ଟ୍ରର ପ୍ରଫେସର ଭବାନୀଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ, ଅଧ୍ୟାପକଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।